# ମନୋଜ ଦାସଙ୍କୁ ପ୍ରଥମ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ

ଭୁବନେଶ୍ୱର,୭।୧[ବ୍ୟୁରୋ]-କବି ଓ ଲେଖକଙ୍କର ମାନକୁ କେବେହେଲେ ପୁରସ୍କାର ଦ୍ୱାରା କଳନା କରାଯାଇ ପାରିବ ନାହିଁ। କାରଣ ସେମାନେ ନିଜେ ସ୍ରଷ୍ଟା ଏବଂ ଦ୍ରଷ୍ଟା । ସେମାନେ ଯାହା ରଚନା କରନ୍ତି ତାହା କାଳକାଳକୁ ରହିଯାଏ ବୋଲି ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆଜି ସଂଧ୍ୟାରେ କଟକ କଳାବିକାଶ କେନ୍ଦ୍ରଠାରେ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ ଓଡିଆ ସାହିତ୍ୟର ବିଶିଷ୍ଟ କଥାକାର, ଔପନ୍ୟାସିକ ମନୋଜଦାସଙ୍କୁ ସାହିତ୍ୟ ଭାରତୀ ସମ୍ମାନ ଓ ଉପାୟନ ପ୍ରଦାନକରି କହିଲେ ଯେ, ଶ୍ରୀ ଦାସ ଓଡିଆ ଭାଷା ଓ ସାହିତ୍ୟକୁ ଯେଉଁଭଳି ଉଚ୍ଚସ୍ଥାନକୁ ନେଇ ପାରିଛନ୍ତି ସେ ଓଡିଆଭାଷୀଙ୍କ ନମସ୍ୟ । ତାଙ୍କୁ ସମ୍ମାନିତ କରି ଆମେ ଓଡିଆ ଜାତିକୁ ସମ୍ମାନିତ କରିଛୁ। ମନୋଜ ଦାସଙ୍କୁ ଏକାଧାରରେ ଜଣେ ସାଧକ, କବି, ଗାଳ୍ପିକ, ସୁବକ୍ତା ଏବଂ ଔପନ୍ୟାସିକ ଭାବରେ ବର୍ଣ୍ଣନାକରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଶ୍ରୀ ଅରବିନ୍ଦ ଦର୍ଶନକୁ ସେ ନିଜ ଜୀବନରେ ବାସ୍ତବ ରୂପାୟନ କରିଛନ୍ତି। ଭଗବଦ୍ ଗୀତାର ବାଣୀ ଅନୁଯାୟୀ ସେ ଶ୍ରୀ ଅରବିନ୍ଦ ସାଧନ କେନ୍ଦ୍ରରୁ ଆହରଣ କରିଥିବା ଜ୍ଞାନ ଚାରିଆଡେ ବିଚ୍ଛୁରିତ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଲେ ଯେ ମନୋଜ ଦାସଙ୍କୁ ଆଧୁନିକ ସାହିତ୍ୟ ଜଗତରେ ସମଗ୍ର ଭାରତବର୍ଷରେ ଜଣେ ବୋଲି ଗଣାଯାଇ ପାରେ। କାରଣ ଓଡିଶା ବାହାରକୁ ଯାଇ ଅନେକ ବ୍ୟକ୍ତି ସାହିତ୍ୟ ସୃଷ୍ଟି କରିବା ଦୂରର କଥା, ନିଜର ଭାଷା ମଧ୍ୟ ଭୁଲି ଯାଉଛନ୍ତି । ମନୋଜ ଦାସ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ । ଇଂରାଜୀ ଭାଷାରେ ପ୍ରତିଷ୍ଠା ଅର୍ଜନ କରି ମଧ୍ୟ ସେ ଓଡିଆ ଭାଷାକୁ ଛାଡିପାରି ନାହାନ୍ତି । ଏହି ଅବସରରେ ସମସ୍ତେ ନିଜ ମାତୃଭାଷାକୁ ସମୃଦ୍ଧ କରିବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହାପୂର୍ବରୁ ଗଙ୍ଗାଧର ରଥ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଆଇନଜୀବୀ ଗଙ୍ଗାଧର ରଥ ଅତିଥି ମାନଙ୍କର ପରିଚୟ ପ୍ରଦାନ କରି କହିଲେ ଯେ ମନୋଜ ଦାସଙ୍କୁ ସେ ପ୍ରାୟ ୫୦ବର୍ଷ ହେଲା ଜାଣିଛନ୍ତି। ଶ୍ରୀ ଦାସଙ୍କୁ ସଙ୍କେତ ପତ୍ରିକା ପ୍ରକାଶନ ସମୟରୁ ସେ ଜାଣିଥିବା ବେଳେ ବର୍ତ୍ତମାନ ସେ ଜଣେ ଆର୍ନ୍ତଜାତିକ ସ୍ତରର ସାହିତ୍ୟିକରେ ପରିଣତ ହୋଇଛନ୍ତି। ନିଜ ସଂପର୍କରେ ପ୍ରକାଶ କରି ସେ କହିଲେ ଯେ ଛାତ୍ରଜୀବନରୁ ସେ ସାହିତ୍ୟ ପ୍ରତି ଅନୁରକ୍ତ ଥିଲେ। ଏପରିକି ସାହିତ୍ୟ ଚର୍ଚ୍ଚାକୁ ବୃତ୍ତି ଭାବରେ ଗ୍ରହଣ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରିଥିଲେ । ୧୯୫୦ ମସିହା ପୂର୍ବରୁ ତାଙ୍କର ଦୁଇଗୁଟି ଖଣ୍ଡ ପୁସ୍ତକ ପ୍ରକାଶିତ

(ସପ୍ତମ ପୃଷ୍ଠା ଦେଖନ୍ତୁ)